## ସଂକ୍ଷେପରେ

### ଦୁର୍ଘଟଣାରେ ନାଟ୍ୟ ନିର୍ଦ୍ଦେଶକ ବାପି ସିକ୍‌ଦାର ଗୁରୁତର

**ଭଦ୍ରକ ଅଫିସ, ୨୫।୩:** ଯୁବ ନାଟ୍ୟ ନିର୍ଦ୍ଦେଶକ, ଅଧାପକ, ଖବରଦାତା ସୌମିତ୍ର ସିକ୍‌ଦାର ଓରଫ ବାପି ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଭାବେ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ସେ ସ୍ଥାନୀୟ ଗଳଗଣ୍ଡପୁର ଦୋଳପୂର୍ଣ୍ଣିମା ଯାତ୍ରା ମହୋତ୍ସବରେ ଯୋଗଦେଇ ବିଳମ୍ବିତ ରାତିରେ ବାଇକ୍‌ରେ ଭଦ୍ରକ ଫେରୁଥିଲେ। ବାଟରେ ସେ ଭାରସାମ୍ୟ ହରାଇ ଆନନ୍ଦବଜାର ବିଦ୍ୟାଳୟ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ଏବଂ ପରେ କଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି। ଏହି ଖବର ପାଇ ଭଦ୍ରକ ଜିଲାର ବହୁ ଖବରଦାତା, କଳାକାର, ସମାଜସେବୀ ଓ ବୁଦ୍ଧିଜୀବୀ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ପିତାଙ୍କ ଶ୍ରାଦ୍ଧବାର୍ଷିକୀରେ ସ୍କୁଲ ପିଲାଙ୍କୁ ଫଳ ବଣ୍ଟନ

**ଆରଡ଼ି, ୨୫।୩ (ଡି.ଏନ୍.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ମଠଡିହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ସମ୍ପାଦକ ଦାୟିତ୍ୱ ତୁଲାଇଥିବା ସ୍ୱର୍ଗତ ବିଶ୍ୱମ୍ବର ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ବିଶ୍ୱମ୍ବରଙ୍କ ପୁତ୍ର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ସମ୍ପାଦକ ଡା. ସୁରଥ କୁମାର ବିଶ୍ୱାଳ ଯୋଗଦେଇ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ବିଷୟରେ ଘୋଷଣା କରିଥିଲେ। ପ୍ରତି ମାସର ଶେଷ ରବିବାର ମଠଡିହଠାରେ ଏହି ସେବା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ମାନସିକ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ବିଦ୍ୟାଳୟରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଫଳ ବଣ୍ଟନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟି, ବରିଷ୍ଠ ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବିମାନ ଶୋଭାଯାତ୍ରା ବେଳେ ରାସ୍ତା ପାଲଟିଲା ରଣାଙ୍ଗନ

**ଭଦ୍ରକ ଅଫିସ/ଧାମନଗର, ୨୫।୩ (ଡି.ଏନ.ଏ)**

ଭଦ୍ରକ ଜିଲା ଚୂଡ଼ାକୁଟି ପଞ୍ଚୁଦୋଳ ପଦା ମେଳଣ ପାଇଁ ସୋମବାର ଭୋର ସମୟରେ ବିମାନ ଶୋଭାଯାତ୍ରା ଆସୁଥିବା ବେଳେ ଧାମନଗର ପୋଲିସ ଡିଜେ ବନ୍ଦ କରିବା ଘଟଣାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟି ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଛି। ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ଲାଗି ପୋଲିସ ଲାଠିମାଡ଼ କରିବାରୁ ୫ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଗୁରୁତରଙ୍କୁ ପ୍ରଥମେ ଭଦ୍ରକ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ୭ଟି ଡିଜେ ମେଶିନ ଜବତ କରି ଭଦ୍ରକ ଟାଉନ ଥାନାରେ ଅଟକ ରଖିଛି। ପୋଲିସ କେତେକ ଡିଜେ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଧାମନଗର ଥାନା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିବା ଭଳି ଘଟଣା ଘଟିଛି।

ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ସ୍ଥାନୀୟ ଲୋକେ ଓ ଆୟୋଜକମାନେ ସୁସଜ୍ଜିତ ଠାକୁର ମେଢକୁ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସେମାନେ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ରାସ୍ତା ଉପରେ ବସି ରହିବାରୁ ସକାଳ ୬ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଚଳାଚଳ


ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ବ୍ୟାହତ ହୋଇଥିଲା। ଏନେଇ ଚୂଡ଼ାକୁଟି ବଜାରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଲାଗିରହିଥିଲା। ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ୪ ପ୍ଲାଟୁନ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣ ହୋଇ ନ ଥିଲା। ପରେ ଅତିରିକ୍ତ ଏସ୍‌ପି ବିକାଶ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଭଦ୍ରକ ତହସିଲଦାର ପ୍ରଦୀପ ସାହୁ, ଧାମନଗର ତହସିଲଦାର ଦୁର୍ଗାଚରଣ ମୁର୍ମୁ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ହେଲେ ସମାଧାନ ବାଟ ବାହାରି ପାରି ନ ଥିଲା। ଶେଷରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା। ଦୁଇଦିନ ମଧ୍ୟରେ ପୋଲିସ, ଆୟୋଜକ, ଠାକୁରବାଡିଆ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଦୀର୍ଘ ୫୦ ବର୍ଷ ଧରି ଚୂଡ଼ାକୁଟି ମେଳଣ ଧୁମ୍‌ଧାମ୍‌ରେ ପାଳିତ ହୋଇଆସୁଛି। ଏଥିରେ ବାଜା, ବାଣ, ରୋଷଣୀରେ ମେଳଣ ପଡ଼ିଆ କମ୍ପି ଉଠିଥାଏ। କିଛିବର୍ଷ ଧରି ବାଜା ରୋଷଣୀ ମଧ୍ୟରେ ଡିଜେକୁ ପ୍ରାଧାନ୍ୟ ଦିଆଯାଇ ଆସୁଥିଲା। ଲୋକଙ୍କ ମନୋରଞ୍ଜନ ଲାଗି ବାହାର ରାଜ୍ୟରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ

**ଚୂଡ଼ାକୁଟି ପଞ୍ଚୁଦୋଳ ମେଳଣ**
- ଡିଜେ ବନ୍ଦ ନେଇ ଉତ୍ତେଜନା
- ପୋଲିସ ଲାଠି ମାଡ଼ରେ ୫ ଆହତ
- ୪ ପ୍ଲାଟୁନ ଫୋର୍ସ ମୁତୟନ
- ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ରାସ୍ତାରୋକୋ

କରି ଡିଜେ ଅଣାଯାଉଥିଲା। ପ୍ରଶାସନ ପକ୍ଷରୁ ଡିଜେ ଉପରେ କଟକଣା ଜାରି କରାଯାଇଥିବାରୁ ଚଳିତବର୍ଷ କମିଟି ଏବଂ ପୋଲିସ ସଲାସୁତୁରାରେ ମେଳଣ ପର୍ବ ହେଉଥିଲା। ରବିବାର ସନ୍ଧ୍ୟାରେ ପୋଲିସ ଉପସ୍ଥିତିରେ ବିମାନ ଶୋଭାଯାତ୍ରା ଆସିବା ବେଳେ ଡିଜେ ବଜା ଯାଇଥିଲା। କିନ୍ତୁ ସୋମବାର ଭୋର ସମୟରେ ଡିଜେ ବନ୍ଦ କରାଯିବା ଘଟଣା ନେଇ ଗଣ୍ଡଗୋଳ ଘଟିଥିଲା। ପୋଲିସ ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ ଲୋକଙ୍କ ଉପରେ ଲାଠିମାଡ଼ କରି ଗୋଡାଇ ଗୋଡ଼ାଇ ପିଟିଥିଲା। ଖବରଦାତାମାନେ ଏହାକୁ ସୁଟିଂ କରୁଥିବା ସମୟରେ ପୋଲିସ ମଧ୍ୟ କ୍ୟାମେରା ଛଡାଇ ନେଇଥିଲା।

ଉଲ୍ଲେଖନୀୟ ଯେ, ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ବିଦ୍ୟାଧରପୁର, ପଳସା, ତାମ୍ପଳା, ସରେଇ, ମାଙ୍କିଡିଆ, ଜାଗୁଳାଇସାହି, ନାରାୟଣପୁର ଏବଂ କୁସୁମାରୁ ଡିଜେ ବାଜା ସହ ରୋଷଣୀ କରି ଚୂଡାକୁଟି ବଜାର ମଧ୍ୟରେ ମେଢ଼ଗୁଡିକ ପ୍ରବେଶ କରିସାରିଥିଲା। କୌଣସି ଡିଜେ ମେଳଣ ମଣ୍ଡପ ପଡ଼ିଆକୁ ପ୍ରବେଶ କରାଇ ନ ଦେବାକୁ କମିଟି ପୂର୍ବରୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଥାନପତି ବିଦ୍ୟାଧରପୁର ମେଢ ପ୍ରଥମେ ପ୍ରବେଶ ସମୟରେ ଡିଜେ ମେଳଣ ପଡ଼ିଆକୁ ନିଆଯିବାରୁ ଅନ୍ୟ ମେଢ ପଡ଼ିଆକୁ ପ୍ରବେଶ କରିବାକୁ ଜିଦ୍ ଧରିଥିଲେ। ଏ ନେଇ କମିଟି ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ପୋଲିସ ପରିସ୍ଥିତି ନିୟନ୍ତ୍ରଣ କରି ନ ପାରି ଲାଠିମାଡ଼ କରିଥିବା କୁହାଯାଉଛି। ତେବେ ବିନା ମାଜିଷ୍ଟ୍ରେଟରେ ପୋଲିସକୁ କିଏ ଲାଠିମାଡ଼ ପାଇଁ ଅନୁମତି ଦେଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଡିଜେ ଉପରେ କଟକଣା ଥିବାବେଳେ ଧାମନଗର ପୋଲିସ ଉପସ୍ଥିତିରେ ରବିବାର ସନ୍ଧ୍ୟାଠାରୁ କିଭଳି ରାତିସାରା ଏହି ବାଦ୍ୟ ବାଜୁଥିଲା, ଏନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ଅନୁଧ୍ୟାନ କରାଯାଉଛି ଏବଂ ମିଳିତ ବୈଠକ ବସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏସ୍‌ଡିପିଓ ଜଳନ୍ଧର ଜାଲି କହିଛନ୍ତି।

## ୨୮ରେ ଭଇଁତିରା ଷ୍ଟେଶନରେ ରେଳରୋକୋ

**ଭଦ୍ରକ ଅଫିସ, ୨୫।୩**

ଭଦ୍ରକ-ଧାମରା କୃଷକ ମଞ୍ଚ ପକ୍ଷରୁ ଆସନ୍ତା ୨୮ ତାରିଖରେ ଭଇଁତିରା ଷ୍ଟେଶନ ନିକଟରେ ରେଳରୋକୋ କରାଯିବ। ଭଦ୍ରକ ଗ୍ରାମାଞ୍ଚଳ ଓ ତିହିଡ଼ି ଥାନା ପୋଲିସ ଦ୍ୱାରା ଜବତ ହୋଇଥିବା ୨୬ ହଜାର ୩୪ କୁଇଣ୍ଟାଲ ଚୋରା କୋଇଲା ଏବେ କେଉଁଠାରେ ଓ କାହା ହେପାଜତରେ ରହିଛି, ଜମିହରା ଚାଷୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଧାମରା ବନ୍ଦରରେ ନିଯୁକ୍ତି ଆଦି ବିଭିନ୍ନ ଦାବି ପ୍ରତି ଜିଲା ପ୍ରଶାସନ ଓ ବନ୍ଦର କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଭଦ୍ରକ-ଧାମରା ଭଇଁତିରା ଷ୍ଟେଶନ ନିକଟରେ ରେଳରୋକୋ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ମଞ୍ଚ ପକ୍ଷରୁ ସାଧାରଣ ସମ୍ପାଦକ ପ୍ରକାଶ କୁମାର ଜେନା ଜଣାଇଛନ୍ତି। ଏହାକୁ ନେଇ ମଞ୍ଚର ମୁଖ୍ୟ ସଂଯୋଜକ ବିଶ୍ୱକେଶରୀ ମହାନ୍ତି, କୋଷାଧ୍ୟକ୍ଷ ନୀଳାମ୍ବର ଲେଙ୍କା, ଲିଗାଲ ଆଡ୍‌ଭୋକେଟ କନିଷ୍କ ନାୟକ, ସ୍ଥାୟୀ ସଦସ୍ୟ ନିରଞ୍ଜନ ଦାସ, ସୁଶାନ୍ତ କୁମାର ଜେନା, ସତ୍ୟବ୍ରତ ନାୟକ, ଅମୂଲ୍ୟ ସାହୁ ଓ ଶଶୀ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇ ଏଭଳି ନିଷ୍ପତ୍ତି ନିଆଯାଇଛି।

## ‘ଶିକ୍ଷାଗତ ପରାମର୍ଶ ଓ ପ୍ରେରଣାଦାୟକ’ ଆଲୋଚନାଚକ୍ର

**ଭଦ୍ରକ ଅଫିସ, ୨୫।୩**

ଭଦ୍ରକ ପୁରୁଣାବଜାରସ୍ଥିତ ମଦିନା ମଇଦାନଠାରେ ସୋଚ ସଙ୍ଗଠନ ଆନୁକୂଲ୍ୟରେ ରବିବାର ‘ଶିକ୍ଷାଗତ ପରାମର୍ଶ ଓ ପ୍ରେରଣାଦାୟକ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାରେ ସୈୟଦ ସୟିଦ୍ ଅହେମଦ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଶିକ୍ଷାର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ। ସୋଚ ସଙ୍ଗଠନ ଗତ ୪ ବର୍ଷ ଧରି ଭଦ୍ରକରେ ବହୁ ସାମାଜିକ କାର୍ଯ୍ୟ କରି ଲୋକପ୍ରିୟତା ହାସଲ କରିପାରିଥିବା ସେ କହିଥିଲେ। ସେବା,


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସୋଚ ସଙ୍ଗଠନର ସଦସ୍ୟ।

ଯତ୍ନ ଓ ସହାୟତା କରିବା ଏହି ସଙ୍ଗଠନର ମୂଳ ଲକ୍ଷ୍ୟ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଙ୍ଗଠନର ନଜମୁଲ ହକ୍, ସାମିଲ ରଜା, ସାଦାବ କାଦ୍‌ରୀ ଓ ସରିଫ ସୈଦା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂଗ୍ରେସ ଯୁବବାହିନୀର ସାଙ୍ଗଠନିକ ବୈଠକ

**ତିହିଡ଼ି, ୨୫।୩ (ଡି.ଏନ.ଏ.)**

ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୮ ନମ୍ବର ଜୋନ କୋହ୍ଲ ପଞ୍ଚାୟତ ତଳମୂଷାଙ୍ଗ ସରସ୍ୱତୀ ମନ୍ଦିର ପରିସରରେ କଂଗ୍ରେସ ଯୁବବାହିନୀ ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଗୋବର୍ଦ୍ଧନ ନାୟକ ସଂଯୋଜନା କରିଥିଲେ। କଂଗ୍ରେସର ସ୍ଥିତି ସୁଦୃଢ଼ କରିବା ପାଇଁ ମୋ ବୁଥ୍, ମୋ ଗୌରବ କାର୍ଯ୍ୟକ୍ରମ ସଫଳ କରିବା ବୈଠକର ଲକ୍ଷ୍ୟ ବୋଲି କୁହାଯାଇଥିଲା। ଯୁବନେତା ସୌମ୍ୟପ୍ରକାଶ ନାୟକ, ପ୍ରକାଶ ଜେନା, ଚକ୍ରଧର ରାଉତ, କରୁଣାକର ଜେନା, ଗୋପବନ୍ଧୁ ପାଣିଗ୍ରାହୀ, ବାଇଧର ଘଡ଼ାଇ, କରୁଣାକର ମଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଜବରଦଖଲ ଜମିରେ ବେଆଇନ ଇଟାଭାଟି

**ଭଣ୍ଡାରିପୋଖରୀ, ୨୫।୩(ଡି.ଏନ.ଏ.)**

ସରକାରୀ, ଅନାବାଦି, ଗୋଚର, ଗ୍ରାମ୍ୟ ଜଙ୍ଗଲ ଓ ଉନ୍ନତ ଯୋଜନା ଯୋଗ୍ୟ ଜମିକୁ ଜବରଦଖଲ କରି କେତେକ ବ୍ୟକ୍ତି ଇଟା ଭାଟି ଚଳାଉଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ କୁଲଣା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଝଟଣା ଅଞ୍ଚଳରେ ବେଆଇନ ଇଟା ଭାଟି ପ୍ରଦୂଷଣ ସମସ୍ୟା ସୃଷ୍ଟି କରୁଛି। ଏ ସମ୍ପର୍କରେ ଗ୍ରାମର ଚକ୍ରଧର ମଲିକ, ଶ୍ୟାମସୁନ୍ଦର ସେଠୀ, ଗୌରାଙ୍ଗ ପଲାଇ, ବାବାଜୀ ସେଠୀ ପ୍ରମୁଖ ବହୁ ସଂଖ୍ୟକ ଲୋକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନଙ୍କ ସମେତ ରାଜସ୍ୱ ବିଭାଗ ସଚିବ, ଭଦ୍ରକ ଜିଲାପାଳ ଓ ସ୍ଥାନୀୟ ତହସିଲଦାରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ ସରକା ଅନାବାଦୀ ଓ ଗୋଚର କିସମ ଜମିକୁ ଇଟାଭାଟି ଲାଗି ବାଡ଼ ଘେରାଇ ଅବରୋଧ କରାଯାଇଛି। ସେସବୁ ସ୍ଥାନରୁ ଇଟା ବ୍ୟବସାୟ ପାଇଁ ମାଟି ବିକ୍ରି କରାଯାଉଛି। ଫଳରେ ଗ୍ରାମବାସୀଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ସହ ଗୃହପାଳିତ ପ୍ରାଣୀଙ୍କ ଚାରଣ ଭୂଇଁ ନଷ୍ଟ ହେଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅଭିଯୋଗକାରୀମାନେ ଦାବି ଜଣାଇଛନ୍ତି।

## ମୟୂରଭଞ୍ଜ

### ନିଲମ୍ବିତ ପୋଷ୍ଟମାଷ୍ଟର କୋର୍ଟ ଚାଲାଣ

**୨.୫୯ଲକ୍ଷ ଟଙ୍କାର ଅନିୟମିତତା ଅଭିଯୋଗ**

**ବଡସାହି, ୨୫।୩(ସ୍ୱ.ପ୍ର):** ସରକାରୀ ଅର୍ଥ ଅନିୟମିତତା ପାଇଁ ନିଲମ୍ବିତ ହୋଇଥିବା ମୟୂରଭଞ୍ଜ ଜିଲା ବଡ଼ସାହି ଉପଡ଼ାକଘରର ପୋଷ୍ଟମାଷ୍ଟର ଘନଶ୍ୟାମ କିସ୍କୁ(୩୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପାର୍ସଲ ସାମଗ୍ରୀରେ ଲାଗୁଥିବା ଷ୍ଟାମ୍ପର ସରକାରୀ ଅର୍ଥ ଦାଖଲ ହୋଇ ନ ଥିବା ନେଇ ଡାକବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ୨୦୧୭ ରୁ ୨୦୧୮ ସେପ୍ଟେମ୍ବର ୨ତାରିଖ ମଧରେ ପୋଷ୍ଟ ଅଫିସରୁ ୨ଲକ୍ଷ ୫୯ହଜାର ୪୦ଟଙ୍କାର ପୋଷ୍ଟାଲ ଷ୍ଟାମ୍ପ ଅର୍ଥ ଅନିୟମିତତା ହୋଇଥିବା ଜଣାପଡ଼ିବାରୁ ଡ଼ାକପାଳ ଗତ ନଭେମ୍ବର ୨୦ତାରିଖରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ବଡ଼ସାହିର ଡ଼ାକ ନିରୀକ୍ଷକ ଅଶୋକ ମଣ୍ଡଳଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରବା ପରେ ଘନଶ୍ୟାମକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ୬ ମଦ ବେପାରୀ ଗିରଫ

**ବଡସାହି/ରାଇରଙ୍ଗପୁର, ୨୫।୩(ସ୍ୱ.ପ୍ର./ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ କୋଚିଲାଖୁଣ୍ଟା ଗ୍ରାମ ହାଟରେ ବେଆଇନ ମଦ ବିକ୍ରିକରୁଥିବା ୩ ଅଭିଯୁକ୍ତକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ରାଇରଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ତିରିଙ୍ଗ ଏବଂ ବହଲଦା ଥାନା ଅଞ୍ଚଳରେ ଚଢାଉ କରି ଜୈନିକା ମହିଳାଙ୍କ ସମେତ ୩ ଜଣ ମଦ ବେପାରୀଙ୍କୁ ଗିରଫ କରାଯାଇଛି।

# ‘ଜଙ୍ଗଲ ରହିଲେ ନଦୀ ବଞ୍ଚିବ’

**■ ବାରିପଦାରେ ତୃତୀୟ ଓଡ଼ିଶା ନଦୀ ସମ୍ମିଳନୀ ଉଦ୍‌ଘାଟିତ**

**ବାରିପଦା ଅଫିସ, ୨୫।୩**

ପରିବେଶର ସନ୍ତୁଳନ ରକ୍ଷା କରୁଥିବା ଜଙ୍ଗଲ ସୁରକ୍ଷିତ ରହିଲେ ଜୀବଜଗତ ସୁସ୍ଥ ରହିବ। ସୁସ୍ଥ ଜଙ୍ଗଲ ସମ୍ପଦ ଲାଗି ନଦୀନାଳ ମଧ୍ୟ ସୁରକ୍ଷିତ ରହିବ। ଜଳବାୟୁ ପରିବର୍ତ୍ତନର ନିରାକରଣ ନିମନ୍ତେ ବନ ଓ ନଦୀ ସମୁଦାୟ ମଧ୍ୟରେ ସହଭାଗିତାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କର ପରିବେଶ ସୁରକ୍ଷା ଦିଗରେ ଯଥେଷ୍ଟ ଅବଦାନ ରହିଛି ବୋଲି ବାରିପଦାସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତୃତୀୟ ଓଡ଼ିଶା ନଦୀ ସମ୍ମିଳନୀରେ ମତ ପ୍ରକାଶ ପାଇଛି।

ଗ୍ରାମ୍ୟ ସ୍ୱରାଜ ଓ ବସୁନ୍ଧରାର ମିଳିତ ଆନୁକୂଲ୍ୟରେ ୩୫ଟି ସହଯୋଗୀ ସଂସ୍ଥାର ସହଯୋଗରେ ରବିବାର ଆୟୋଜିତ ଏହି ସମ୍ମିଳନୀ ଦୁଇ ଦିନ ଧରି ଚାଲିବ। ଏହାର ଉଦ୍‌ଘାଟନ ସମାରୋହରେ ସଂରକ୍ଷଣବାଦୀ ଅଶୋକ ପାଣିଗ୍ରାହୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନଦୀ ସମ୍ମିଳନୀ ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ତାଙ୍କ



ଓଡ଼ିଶା ନଦୀ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

ବକ୍ତବ୍ୟରେ ଜଙ୍ଗଲରୁ ଜଙ୍ଗଲବାସୀଙ୍କୁ ଉଚ୍ଛେଦ କରିବା ସମ୍ପର୍କିତ ଉଚ୍ଚ ନ୍ୟାୟାଳୟଙ୍କ ରାୟ ସମ୍ପର୍କରେ ସୂଚାଇଥିଲେ। ଜଙ୍ଗଲ ଜମିରେ ବସବାସ କରୁଥିବା ଲୋକଙ୍କୁ ଚାଷ ଓ ବସବାସ କରିବାକୁ ଏକଦା ବାରଣ କରାଯାଇ କଟକଣା ଜାରି କରାଯାଇଥିଲା। ଏହାର ପ୍ରତିକୂଳ ପ୍ରଭାବ ଜଙ୍ଗଲ ଓ ନଦୀ ଉପରେ ପଡ଼ିଲା। ବଣ ମୁଲକରେ ବସବାସ କରୁଥିବା ଲୋକେ ପିଢ଼ି ପିଢ଼ି ଧରି ଜଙ୍ଗଲ ଓ ନଦୀକୁ ସୁରକ୍ଷା ଦେଇ ଆସୁଥିଲେ। ଏହା ଦ୍ୱାରା ସେମାନେ ମଧ୍ୟ ନିଜ ପେଟପାଟଣା ପ୍ରତିପୋଷଣ କରୁଥିଲେ। ସେମାନଙ୍କୁ ବେଦଖଲ କରାଯିବା ଦ୍ୱାରା ତାହାର ପ୍ରତିକୂଳ ପ୍ରଭାବ କିଭଳି ପଡିଛି, ତାହା ସେ ଦର୍ଶାଇଥିଲେ।

ହାଇଦ୍ରାବାଦସ୍ଥିତ ସେଣ୍ଟର ଫର ରିସୋର୍ସ ଏଜୁକେଶନ ଆଣ୍ଡ ମ୍ୟାନେଜ୍‌ମେଣ୍ଟର ସଦସ୍ୟ ବିଭି ସୁଜରାଓ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭୂମି, ଜଙ୍ଗଲ ଓ ଜଳ ସହ ମନୁଷ୍ୟର ସମ୍ପର୍କ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ସ୍ୱରାଜ ସଚିବ ଦୀପକ ପାଣି, ସ୍ନେହା ମିଶ୍ର, ଅଶୋକ ବିଶ୍ୱାଳ, ଡ. ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୋରାପୁଟ ଜିଲା ବୈପାରିଗୁଡା ବ୍ଲକର ଆଦିବାସୀ ଅଞ୍ଚଳରେ ୧୦ ପଞ୍ଚାୟତର ମହିଳାଙ୍କୁ ନେଇ ଜଳ ସମ୍ପଦ ସୁରକ୍ଷା କରୁଥିବା ନାରୀନେତ୍ରୀ ମାଳତି ନାୟକଙ୍କୁ ‘ଜଳଯୋଦ୍ଧା ସମ୍ମାନ’ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡେଙ୍ଗାଝରୀ ମହିଳା ଜଙ୍ଗଲ ସୁରକ୍ଷା ଓ ପରିଚାଳନା ସମିତିକୁ ‘ଆଜିର ଭାଗୀରଥି’ ସମ୍ମାନ ଦିଆଯାଇଥିଲା। ଏହି ସମିତି ନୟାଗଡ଼ ଜିଲା ରଣପୁର ବ୍ଲକର ଆଖପାଖ ୧ହଜାର ଏକର ଜଙ୍ଗଲର ପୁନରୁଦ୍ଧାର ଲାଗି କାର୍ଯ୍ୟ କରୁଛି।

- ପରିବେଶର ସନ୍ତୁଳନ ରକ୍ଷା ପ୍ରତି ଗୁରୁତ୍ୱ
- ମାଳତୀ ନାୟକଙ୍କୁ ‘ଜଳଯୋଦ୍ଧା ସମ୍ମାନ’ ଓ ମହିଳା ଜଙ୍ଗଲ ସୁରକ୍ଷା ଓ ପରିଚାଳନା ସମିତିକୁ ‘ଆଜିର ଭାଗୀରଥି’ ସମ୍ମାନ ପ୍ରଦାନ

## ବାଣୀପୀଠ ପୁରସ୍କାର ପାଇବେ ହୁସେନ ରବି ଗାନ୍ଧୀ

**ବଡ଼ସାହି, ୨୫।୩(ସ୍ୱ.ପ୍ର.)**

- ୨୯ରୁ ଆରମ୍ଭ ହେବ ମହୋତ୍ସବ
- ୩୧ରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ

ମୟୂରଭଞ୍ଜ ଜିଲାର ବଡ଼ସାହି ବିବେକାନନ୍ଦ ବିହାରଠାରେ ଆସନ୍ତା ୨୯ ତାରିଖରୁ ‘୩୯ତମ ବାଣୀପୀଠ ମହୋତ୍ସବ’ ଶାରଦୀୟ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ମହୋତ୍ସବ ୩ଦିନ ଧରି ଚାଲିବ। ସେଦିନ ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟନ ସମାରୋହ ଓ ଦିବସବ୍ୟାପୀ ରାଜ୍ୟସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହେବ। ୩୦ ତାରିଖରେ ‘ବିବେକାନନ୍ଦ ଶିକ୍ଷାକେନ୍ଦ୍ର’ର ୧୯ତମ ବାର୍ଷିକ ଉତ୍ସବ ଓ ଅଭିଭାବକ ମେଳା ହେବ। ୩୧ ତାରିଖ ସକାଳ ୬ଟାରୁ କବିତା ମହାଯଜ୍ଞ, ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମ୍ମେଳନ ସହିତ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ତଥା ପଡୋଶୀ ରାଜ୍ୟରୁ ବହୁ କବି, ଲେଖକ ଓ କଳାକାର ଯୋଗଦାନ କରିବେ। ତେବେ ଚଳିତ ବର୍ଷର ବାଣୀପୀଠ ପୁରସ୍କାର ସ୍ୱରୂପ ‘ଏକ ଲକ୍ଷ ଟଙ୍କାର ପଲିସି ବଣ୍ଡ’ ସାହିତ୍ୟିକ ଡକ୍ଟର ହୁସେନ ରବି ଗାନ୍ଧୀଙ୍କୁ ପ୍ରଦାନ କରାଯିବ ବୋଲି ବାଣୀପୀଠ ସୂତ୍ରରୁ ସୂଚନା ମିଳିଛି। ସେହିପରି ଅନୁଷ୍ଠାନର ଶ୍ରେଷ୍ଠ ଉପାଧି ‘ବାଣୀରତ୍ନ’ ବାରିପଦାର ଡ. ନୀଳକଣ୍ଠ ମିଶ୍ର, ଉପାଧି-‘ବାଣୀପ୍ରଜ୍ଞା’ ଭୁବନେଶ୍ୱରର ଡ. ଅଭୟ ନାୟକ, ‘ବାଣୀଭୂଷଣ’ ସୁବର୍ଣ୍ଣପୁରର ଡ. ସୁବାସ ଚନ୍ଦ୍ର ପାତ୍ର, ‘ବାଣୀବିନୋଦ’ ନୟାଗଡର ଡ. ପବିତ୍ର କୁମାର ସୁବୁଦ୍ଧି, ‘ବାଣୀମଞ୍ଜୁଳ’ ବଲାଙ୍ଗୀରର ଡ. ଗୋବର୍ଦ୍ଧନ ସାହୁ, ‘ବାଣିଶ୍ରୀ’ ବୌଦ୍ଧର ଇଂ. ସଞ୍ଜୟ କୁମାର ପଣ୍ଡା ଓ ପୁରୀର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ‘ବାଣୀଗୌରବ’ ନୟାଗଡର ଡ. ଲକ୍ଷ୍ମଣ ସାହୁ, ‘ସେବକଶ୍ରୀ’ ଖୋର୍ଦ୍ଧାର ଡ. ରବିନାରାୟଣ ରଥ, ‘ଶିକ୍ଷାଶ୍ରୀ’ ବାଲେଶ୍ୱରର ବିଜୟ କୁମାର ମହାନ୍ତି, ‘ଶିକ୍ଷାଜ୍ୟୋତି’ ବାଲିଆପାଳର ଡ. ବିଜୟ କୁମାର ଦେ, ‘କବିପ୍ରାଣ’ ଭୁବନେଶ୍ୱରର ମୀନକେତନ ଦାଶ ଓ କଟକର ବିଶ୍ୱନାଥ କର, ‘ଭଞ୍ଜକନ୍ୟା’ ମୟୂରଭଞ୍ଜର ବିରଜା ଦେବୀ, ‘ଉତ୍କଳକନ୍ୟା’ ଢେଙ୍କାନାଳର ବୀରାଲକ୍ଷ୍ମୀ ରଣା, ‘ଭଞ୍ଜପ୍ରଦୀପ’ ବାଲେଶ୍ୱରର ଡ. ହରିଶ୍ଚନ୍ଦ୍ର ବେହେରା, ‘କବିରତ୍ନ’ ଭଦ୍ରକର ଶିବପ୍ରସାଦ ରାଉତ ଓ ଗଡିଆର ନୂତନ କୁମାର ବେହେରା, ‘ସବୁଜଶ୍ରୀ’ ରାଇରଙ୍ଗପୁରର ପ୍ରଦୀପ୍ତ କବି ଓ ‘ଭଞ୍ଜଗୌରବ’ ବାଣପୁର-ଖୋର୍ଦ୍ଧାର ପଣ୍ଡିତ ବିଶ୍ୱନାଥ ଶତପଥୀଙ୍କୁ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ପଣ୍ଡିତ ଲକ୍ଷ୍ମୀଧର ରାଉତ ଜଣାଇଛନ୍ତି।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

**ବଡ଼ସାହି, ୨୫।୩(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ବୁଢାବଳଙ୍ଗ ନଦୀ ପଠାରୁ ଚୋରାରେ ବାଲି ନେଇ ଯାଉଥିବା ଏକ ନୂଆ ଟ୍ରାକ୍ଟରକୁ ଜବତ କରାଯାଇଥିବା ନେଇ ବଡ଼ସାହି ତହସିଲଦାର ଅମିୟ କୁମାର ରାଉତ କହିଛନ୍ତି। ଟ୍ରାକ୍ଟର ମାଲିକ ଆସିଲେ ବାଲିର ରୟାଲଟି ଓ ଜରିମାନା ଆଦାୟ କରାଯିବ। ପ୍ରକାସୋମବାର ଜବତ କରିଛନ୍ତି। ଯୋଗୀ ନୂଆଗାଁ-ବର୍ତ୍ତନା ରାସ୍ତାରେ ଏହି ଟ୍ରାକ୍ଟର ଯାଉଥିବା ବେଳେ ଏହାକୁ ଅଟକ ରଖି କାଗଜପତ୍ର ଯାଞ୍ଚ କରାଯାଇଥିଲା। ସେଥିରେ ପରିବହନ ସମ୍ପର୍କିତ କୌଣସି କାଗଜପତ୍ର ନ ଥିବାରୁ ଟ୍ରାକ୍ଟରକୁ ଜବତ କରି ଥାନା ଜିମାରେ ଦିଆଯାଇଛି। ତହସିଲଦାର ରାଉତ କହିଛନ୍ତି, ସମ୍ଭବତଃ ଟ୍ରାକ୍ଟରଟି ନୂଆ କିଣାଯାଇଥିବାରୁ ସେଥିରେ ନମ୍ବରପ୍ଲେଟ୍ ଲଗାଯାଇନାହିଁ। ବୁଢ଼ାବଳଙ୍ଗ ନଦୀପଠାରୁ ‘ବେଧଡ଼କ ବୁହାଚାଲିଛି ବାଲି’ ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ରାତି ସମୟରେ ଜେସିବି ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଥିବାରୁ ଏହାକୁ ରୋକିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

## ମୁଣ୍ଡା ସମ୍ପ୍ରଦାୟର ବାଆବଙ୍ଗା ପରବ

**ବାରିପଦା ଅଫିସ, ୨୫।୩**

ଶିମିଳିପାଳ ମୁଣ୍ଡାରୀ ସଙ୍ଗୀତ ନୃତ୍ୟ କଳାବିକାଶ କେନ୍ଦ୍ର ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ବଡ଼କୁଟିଆମରା ଗ୍ରାମରେ ମୁଣ୍ଡା ସମାଜର ବାଆବଙ୍ଗା ପରବ ପାଳିତ ହୋଇଯାଇଛି। ମୁଣ୍ଡା ସମ୍ପ୍ରଦାୟର ବହୁ ପୁରୁଷ ଓ ମହିଳା ପାରମ୍ପରିକ ବସ୍ତ୍ର ପରିଧାନ କରି ନିକଟସ୍ଥ ଶାଳ ଜଙ୍ଗଲରୁ ପବିତ୍ର ଶାଳଫୁଲ ସଂଗ୍ରହ କରି ପୂଜାପୀଠକୁ ସଜାଇଥିଲେ। ପରେ ପୂଜକ ରଣଜିତ ସିଂ, ନିଦରାଏ ସିଂ, ବୁଧୁରାମ ସିଂଙ୍କ ସମେତ ୧୫ଜଣ ପାହାନଗୁରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଶାଳଫୁଲକୁ ଇଷ୍ଟଦେବତା ସିଙ୍ଗବଙ୍ଗା, ବୁରୁବଙ୍ଗା, ଗ୍ରାମ ଠାକୁରାଣୀଙ୍କୁ ଅର୍ପଣ କରି ପୂଜା କରିଥିଲେ। ଏହି ଅବସରରେ ଆୟୋଜିତ ନୃତ୍ୟଗୀତରେ ପୂଜାସ୍ଥଳୀ ମୁଖରିତ ହୋଇଉଠିଥିଲା।

ପୂଜାର୍ଚ୍ଚନା ପରେ ବାଆବଙ୍ଗାର ମୁଖ୍ୟ ସଂଯୋଜକ ତଥା ଭାତରମୁଣ୍ଡା ସମାଜର ଓଡ଼ିଶା ରାଜ୍ୟ ସଭାପତି ରବୀନ୍ଦ୍ର ନାଥ ସିଂହଙ୍କ ସଭାପତିତ୍ୱରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଝାଡ଼ଖଣ୍ଡ ରାଜ୍ୟରୁ ଆସିଥିବା ଗଣେଶ ସଲାଙ୍କ ଙ୍କ ସମେତ ନନ୍ଦକିଶୋର ସିଂ, ପଶ୍ଚିମବଙ୍ଗର ହିମାଂଶୁ ଶେଖର ସିଂ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ସଦସ୍ୟ ବାଙ୍କବିହାରୀ ସିଂ, ଶାନ୍ତିଲତା ସିଂ, ବାଇଧର ସିଂ, ବାସନ୍ତୀଲତା ସିଂ, ବିଲକାନପ୍ରଭୁ ଦୟାଲ ନାଗ, କାହ୍ନୁଚରଣ ସିଂ, ରାମେଶ୍ୱର ସିଂ, ମହେଶ୍ୱର ସିଂ, ବସନ୍ତ କୁମାର ସିଂ, ଅମସାର ସଭାପତି ମଙ୍ଗଳ ଚରଣ ସିଂ ପ୍ରମୁଖ ସଭାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବାଆବଙ୍ଗାର ଐତିହ୍ୟ ସାଙ୍ଗକୁ ମୁଣ୍ଡା ସମାଜର ଭାଷା ଓ ଲିପିକୁ ସାମ୍ବିଧାନିକ ସ୍ୱୀକୃତି ଦେବା ଲାଗି ଦାବି କରାଯାଇଥିଲା। ଏଥିସହ ମୁଣ୍ଡା ସମାଜରୁ ନିଶା ନିବାରଣ, କୁସଂସ୍କାର ଦୂରୀକରଣ ଓ ଜଙ୍ଗଲ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ପରବରେ ବିଭିନ୍ନ ଗ୍ରାମରୁ ଆସିଥିବା ମୁଣ୍ଡାରୀ ନୃତ୍ୟଗୁରୁ ଓ କଳାକାର ସାମିଲ ହୋଇଥିଲେ।

## ସାନ୍ତାଳୀ ଭାଷା, ଅଲଚିକି ଲିପିରେ ପରୀକ୍ଷା

**ବିଶୋଇ, ୨୫।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକସ୍ଥିତ ଯୋଡ଼ିଆ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟରେ ଟାଟା ଷ୍ଟିଲ୍‌ର ଟ୍ରାଇବାଲ କଲ୍‌ଚର ସୋସାଇଟି (ଟିସିଏସ୍) ଏବଂ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁ ଏକାଡେମୀ ଜାହେରଥାନ ଦିଶମ ଜାହେରର କରନଡ଼ିହିର ମିଳିତ ତତ୍ତ୍ୱାବଧାନରେ ସାନ୍ତାଳୀ ଭାଷା ଅଲଚିକି ମାଧ୍ୟମରେ ସୋମବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସାନ୍ତାଳୀ ଭାଷା ଅଲିଚିକି ଲିପିରେ ତ୍ରିସ୍ତରୀୟ ପରୀକ୍ଷା ହୋଇଥିଲା। ଏଥିରେ ପ୍ରାଇମେରି(୧ମରୁ ୫ମ), ବେସିକ୍(୬ଷ୍ଠରୁ ୭ମ) ଏବଂ ଆଡ୍‌ଭାନ୍ସ ଷ୍ଟାଣ୍ଡାର୍ଡ (୮ମରୁ ୧୦ମ)ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଲାଗି ପରୀକ୍ଷା ହୋଇଥିଲା। ପ୍ରାଇମେରି ସ୍ତରରେ ୨୮ ଜଣଙ୍କ ମଧ୍ୟରୁ ୨୨ ଜଣ ପରୀକ୍ଷା ଦେଇଥିବା ବେଳେ ବେସିକ୍ ସ୍ତରରେ ୨୬ ପରୀକ୍ଷାର୍ଥୀ ମଧ୍ୟରୁ ୨୪ ଏବଂ ଆଡ୍‌ଭାନ୍ସ ସ୍ତରରେ ୧୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମୋଟ ୮ ଜଣ ଅନୁପସ୍ଥିତ ଥିଲେ। ପ୍ରାଇମେରି ଛାତ୍ରୀଛାତ୍ରମାନେ ମାତୃଭାଷା ସାନ୍ତାଳୀ ଓ ସାଧାରଣ ଜ୍ଞାନ, ବେସିକ୍ ଓ ଆଡ୍‌ଭାନ୍ସର ଛାତ୍ରୀଛାତ୍ର ମାତୃଭାଷା ସାନ୍ତାଳୀ ଓ ଗଣିତରେ ପରୀକ୍ଷା ଦେଇଥିଲେ। କେନ୍ଦ୍ର ନିରୀକ୍ଷକ ଭୀମସେନ ଟୁଡୁ ଓ ଶିକ୍ଷକ ସୁରାଇ ହାଁସ୍‌ଦା ପରୀକ୍ଷା ପରିଚାଳନା କରିଥିଲେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୬/୨୦୧୯ Balasore, Tuesday, March 26/2019




■ ଯୁବତୀଙ୍କୁ ହତ୍ୟା ଘଟଣା

# ହତ୍ୟାକାରୀଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ

ରେମୁଣା,୨୫।୩(ଡି.ଏନ.ଏ.)

ରେମୁଣା ଥାନା ନରହରିପୁର ପଞ୍ଚାୟତ ଅଧୀନ ବାଙ୍ଗର ଗାଁର ହରିଶ୍ଚନ୍ଦ୍ର ବେହେରାଙ୍କ ଝିଅ ସୁପ୍ରିୟା (୨୦)ଙ୍କୁ ଗତ ୧୪ ତାରିଖରେ ଏକ ବାଉଁଶବୁଦା ନିକଟରେ ଗଳା କାଟି ହତ୍ୟା କରାଯାଇଥିଲା। ଏନେଇ ରେମୁଣା ଥାନାରେ ମାମଲା (ନଂ. ୩୮/୧୯) ରୁଜୁ କରାଯାଇଥିଲା। ଏଏସ୍‌ଆଇ ନଗରଦୀପ ସେଠୀ ଏହାର ତଦନ୍ତ କରୁଥିଲେ। ହତ୍ୟା ଘଟଣାର ୧୧ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିବାରେ ଅସମର୍ଥ ହୋଇଛି। ଏହାର ପ୍ରତିବାଦ କରି ସୋମବାର ଜାଗ୍ରତ ନାରୀସଂଘ ପକ୍ଷରୁ ନରହରିପୁର ବାଇପାସ୍ ରାସ୍ତା ଅବରୋଧ କରାଯାଇଥିଲା। ରାସ୍ତାରୋକୋ ପାଇଁ ଗତ ୨୩ ତାରିଖରେ ଜିଲାପାଳ ଏବଂ ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ବାଙ୍ଗର ଗ୍ରାମର ଶତାଧିକ ମହିଳା ରାସ୍ତାରୋକୋ କରିଥିବା ଖବରପାଇ ରେମୁଣା ଥାନାଧିକାରୀ ରଣଜିତ୍ ସାହୁ ଓ ରେମୁଣା ତହସିଲଦାର ସଞ୍ଜୟ ରାଉତ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ରାସ୍ତାରୋକୋରୁ ଓହରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଯାନବାହନ ଅଟକି ରହିବା ସହ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।




# ମାରଣାସ୍ତ୍ର ସହ ୯ ଡକାୟତ ଗିରଫ

ବାଲେଶ୍ୱର ଅଫିସ, ୨୫।୩

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅନ୍ତର୍ଗତ ଫିରିଙ୍ଗିପାଟଣା ଅଞ୍ଚଳର ଏକ ପରିତ୍ୟକ୍ତ ଘରେ ରବିବାର ରାତି ପ୍ରାୟ ୧୨ଟା ୪୦ମିନିଟ୍‌ରେ ୯ଜଣ ଡକାୟତ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ପୋଲିସ ବହୁ ମାରଣାସ୍ତ୍ର, ମଦ ବୋତଲ, ଖେଳନା ବନ୍ଧୁକ ଜବତ କରାଯାଇଛି। ଏ ସମ୍ପର୍କରେ ସୋମବାର ଅପରାହ୍ନ ୪ଟା ୩୦ମିନିଟ୍‌ରେ ଥାନାଧିକାରୀ ଶୁଭ୍ରାଂଶୁ ନାୟକ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରବିବାର ମଧ୍ୟରାତ୍ରିରେ ୯ଜଣ ଡକାୟତ ସହଦେବଖୁଣ୍ଟା ଥାନା ଗୋଶାଳପଦା ଗ୍ରାମର ପିଙ୍କୁ ବେହେରା, ଚନ୍ଦନ ମୁର୍ମୁ, ରଞ୍ଜିତ ବେହେରା, ସତ୍ୟଜିତ ନାଥ, ସିଲୁ ଗୋଛାୟତ, ଆଶିଷ ବିଶ୍ୱାଳ, ନିରଞ୍ଜନ ବିଶ୍ୱାଳ, ଟାଉନ୍ ଥାନା ଅଧୀନ ବାରବାଟି ଗ୍ରାମର ସୁବାଶିଷ ଦାସ, ଶିଳ୍ପାଞ୍ଚଳ ଥାନା ବିକାଶନଗର ଗ୍ରାମର ଜ୍ୟୋତିରଞ୍ଜନ ସାହୁ ମିଳିତ ଭାବେ ଉକ୍ତ ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଘରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ପୋଲିସ ଚଢ଼ାଉ କରି ସମସ୍ତଙ୍କୁ ଗିରଫ କରିବା ସହ ଗୋଟିଏ ଲେଖାଏଁ ତେଲେଙ୍ଗା କଟୁରୀ, ଫୋଲ୍ଡିଂ ଛୁରୀ, ମୁଖା, ଖେଳନା ବନ୍ଧୁକ, ଟର୍ଚ୍ଚ ଲାଇଟ୍, ୩ଟି ଲୁହା ରଡ଼, ୩ଟି ମଦ ବୋତଲ ସହ ୪ଟି ମୋଟରସାଇକେଲ ଜବତ କରିଛି। ଥାନା ଏସ୍‌ଆଇ ବିରଞ୍ଚି ସାହୁଙ୍କ ରିପୋର୍ଟ ମୁତାବକ ସହଦେବଖୁଣ୍ଟା ମଡ଼େଲ ଥାନାରେ ଏକ ମାମଲା (ନଂ.୭୪/୧୯) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରଫ ଡକାୟତଙ୍କ ମଧ୍ୟରୁ ୩/୪ ଜଣ ବହୁ ଡକାୟତି, ଛିନ୍‌ତାଇ, ଚୋରି ମାମଲାରେ ପୂର୍ବରୁ ସମ୍ପୃକ୍ତ ଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।


ଗିରଫ ୯ ଅଭିଯୁକ୍ତଙ୍କ ସହ ଜବତ ଗାଡ଼ି ଓ ମାରଣାସ୍ତ୍ର।

# ଧାମରା ବନ୍ଦରରେ ଶ୍ରମିକ ମୃତ୍ୟୁକୁ ନେଇ ଉତ୍ତେଜନା

ଚାନ୍ଦବାଲି, ୨୫।୩ (ଡି.ଏନ.ଏ)

ଭଦ୍ରକ ଜିଲା ଧାମରା ବନ୍ଦରରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ରବିବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ସେକ୍ ସଲିମ୍। ତାଙ୍କ ଘର ମୁର୍ଶିଦାବାଦ ଅଞ୍ଚଳରେ। ସଲିମ୍‌ଙ୍କ ମୃତ୍ୟୁକୁ ନେଇ ରବିବାର ରାତିରୁ ସେଠାରେ ଉତ୍ତେଜନା ଲାଗିରହିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ତାଙ୍କ ପରିବାରର ଜଣଙ୍କୁ ଚାକିରି ଦାବିକରି ଅନ୍ୟ ଶ୍ରମିକମାନେ ବନ୍ଦର ପରିସରରେ ହୋହଲ୍ଲା, ପାଟିତୁଣ୍ଡ କରିଥିଲେ। ବନ୍ଦର କର୍ତ୍ତୃପକ୍ଷ ଶ୍ରମିକ ସଙ୍ଗଠନ ସହ ଆଲୋଚନା କରିଛନ୍ତି। ସୂଚନା ଅନୁସାରେ, ଏଲ୍‌ଏନ୍‌ଜି ଗ୍ୟାସ୍ ଟର୍ମିନାଲ ପ୍ରୋଜେକ୍ଟ ସାଇଟ୍‌ରେ ହାଇଡ୍ରୋକାର୍ବନ ପ୍ଲାଣ୍ଟରେ ଏକ କ୍ରେନ୍ ସଲିମ୍‌ଙ୍କ ଉପରେ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟୋଜିତ ଠିକାଦାର ଜିଓ ଷ୍ଟ୍ରକ୍ଟରରେ ସଲିମ୍ କାମ କରୁଥିଲେ। ଦୁର୍ଘଟଣାର ପ୍ରାୟ ୨ ଘଣ୍ଟା ପରେ ସଲିମ୍‌ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ ତୁରନ୍ତ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ କରାଯାଉଛି। ଡାଇରେକ୍ଟୋରେଟ ଅଫ୍ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ପଦସ୍ଥ ଅଧିକାରୀ ଘଟଣାର ଅଧିକ ତଦନ୍ତ କରୁଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

